# NATIONAL NEWS BULLETIN (ODIA)
## 1 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କଲା କେନ୍ଦ୍ର କ୍ୟାବିନେଟ୍ ।

– କ୍ରୀଡ଼ା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ନୀତି ୨୦୨୫ ଅନୁମୋଦିତ ।

- ଦେଶରେ ନୂତନ ଫୌଜଦାରୀ ଆଇନ୍ ପ୍ରଣୟନକୁ ଆଜି ପୂରିଲା ଏକ ବର୍ଷ ।
- ତେଲଙ୍ଗାନା ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩୬କୁ ବୃଦ୍ଧି ।
- ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରାର ଅବଶିଷ୍ଟ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ।

ଏବଂ

- ପ୍ରବଳ ବର୍ଷା ଏବଂ ଝାଡ଼ଖଣ୍ଡରୁ ବର୍ଷାଜଳ ନିଷ୍କାସନ ଦ୍ୱାରା ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି ।

# ୟୁନିୟନ୍ କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର କ୍ୟାବିନେଟ୍  ଆଜି ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ନିଯୁକ୍ତି ସଂଯୋଜିତ ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରିଛନ୍ତି । ଏହି ଯୋଜନାର ଲକ୍ଷ୍ୟ ହେଉଛି – ଦୁଇ ବର୍ଷ ମଧ୍ୟରେ ଦେଶରେ ୩ ଦଶମିକ୍ ୫ କୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରିବା । ତନ୍ମଧ୍ୟରୁ ୧ ଦଶମିକ୍ ୯/୨ କୋଟି ହିତାଧିକାରୀ ପ୍ରଥମଥର ପାଇଁ କର୍ମନିଯୋଜନ ସଂସ୍ଥାରେ ଯୋଗଦେବେ । **V/O-ELI**

ଏହି ଯୋଜନାର ଲାଭ ୧ ଅଗଷ୍ଟ ୨୦୨୫ରୁ ୩୧ ଜୁଲାଇ ୨୦୨୭ ମଧ୍ୟରେ ସୃଷ୍ଟି ହୋଇଥିବା ନିଯୁକ୍ତି ପାଇଁ ଲାଗୁ ହେବ । ନୂଆଦିଲ୍ଲୀରେ ଆଜି କ୍ୟାବିନେଟ୍ ନିଷ୍ପତ୍ତି ଉପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଥମଥର ପାଇଁ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଏହି ଯୋଜନା ଅଧୀନରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ  ଗୋଟିଏ ମାସର ଦରମା ପାଇବେ ।

ନିଯୁକ୍ତିଦାତାମାନଙ୍କ ପାଇଁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବା ସହିତ ଉତ୍ପାଦନ କ୍ଷେତ୍ର ପାଇଁ ଆଉ ଦୁଇ ବର୍ଷ ବର୍ଦ୍ଧିତ ଲାଭ ମଧ୍ୟ ଦିଆଯିବ । ପ୍ରଧାନମନ୍ତ୍ରୀଙ୍କ ୫ଟି ଯୋଜନାର ପ୍ୟାକେଜ୍‌ର ଅଂଶସ୍ୱରୂପ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ୨୦୨୪-୨୫ କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା କରାଯାଇଥିଲା,

ଯାହାର ମୋଟ୍ ବଜେଟ୍ ୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ସହିତ ୪ କୋଟିରୁ ଅଧିକ ଯୁବକଙ୍କ ପାଇଁ ନିଯୁକ୍ତି, ଦକ୍ଷତା ଏବଂ ଅନ୍ୟାନ୍ୟ ସୁଯୋଗକୁ ମଧ୍ୟ ସୁଗମ କରିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ୧ ଲକ୍ଷ କୋଟି ଟଙ୍କାର କର୍ପସ୍ ପାଣ୍ଠି ସହିତ ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି । ଏହି ଯୋଜନା ମାଧ୍ୟମରେ ଦେଶର ଗବେଷଣା ଏବଂ ନବସୃଜନ ଇକୋ ସିଷ୍ଟମକୁ ସୁଦୃଢ଼ କରିବା ସହିତ ଘରୋଇ କ୍ଷେତ୍ର ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା ଅଥବା ପୁନଃ ଅର୍ଥ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନ୍‌ର ପରିଚାଳନା ବୋର୍ଡ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ମଧ୍ୟ ବ୍ୟାପକ ରଣନୈତିକ ଦିଗ ପ୍ରଦାନ କରିବ । ଦେଶର କ୍ରୀଡ଼ା ଦୃଶ୍ୟପଟକୁ ପରିବର୍ତ୍ତନ କରିବା ସହ ନାଗରିକମାନଙ୍କୁ ଏଥିପାଇଁ ସଶକ୍ତ କରିବା ଉଦ୍ଦେଶ୍ୟରେ ଜାତୀୟ କ୍ରୀଡ଼ାନୀତି ୨୦୨୫କୁ ମଧ୍ୟ ଅନୁମୋଦନ ପ୍ରଦାନ କରାଯାଇଛି । ଏହି ନୀତି କାର୍ଯ୍ୟକାରୀ ହେବା ଦ୍ୱାରା ପ୍ରତିଭାର ପ୍ରାରମ୍ଭିକ ଚିହ୍ନଟ ଏବଂ ସଶକ୍ତିକରଣ ସହିତ ତୃଣମୂଳ

ସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି **।V/O-Khelo Bharat**

## ଅମିତ ଶାହା-କ୍ରିମିନାଲ୍ ଲ

ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରୀକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଇନ୍ ଗୁଡ଼ିକ ଭବିଷ୍ୟତରେ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ତିନୋଟି ଯାକ ନୂତନ ଫୌଜଦାରୀ ଆଇନ୍‌ର ଆଜି ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଏହି ଆଇନ୍ ଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ସର୍ବାଧିକ ତିନି ବର୍ଷ ସମୟ ଲାଗିପାରେ । ନ୍ୟାୟ ପାଇବା ପାଇଁ ସମୟସୀମାର ଅଭାବ ଭାରତର ଫୌଜଦାରୀ ନ୍ୟାୟ ବ୍ୟବସ୍ଥା ସମ୍ମୁଖରେ ସବୁଠାରୁ ବଡ଼ ଆହ୍ୱାନ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଏହି ଆଇନ୍ ଗୁଡ଼ିକର କାର୍ଯ୍ୟକାରିତା ଫଳରେ

ଏଫ୍.ଆଇ.ଆର୍. ଦାଖଲ ହେବାର ତିନି ବର୍ଷ ମଧ୍ୟରେ ନ୍ୟାୟ ପ୍ରଦାନ ସମ୍ଭବପର ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

## ଗଡ଼କରୀ-ଆସଲ୍ଟ ଏନ୍‌ଏଚ୍‌ଏଆଇ

ସିମ୍‌ଲାରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ନେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ସହ ସେ କଥାବାର୍ତ୍ତା ହୋଇଛନ୍ତି । ଏଥିରେ ଜଡ଼ିତ ଲୋକଙ୍କ ବିରୁଦ୍ଧରେ ତୁରନ୍ତ ତଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି । ଏହା ଏକ ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସେ ବର୍ଣ୍ଣନା କରିଛନ୍ତି ।

ସୂଚନା ଯୋଗ୍ୟ ହିମାଚଳ ପ୍ରଦେଶ ପଞ୍ଚାୟତି ରାଜ ମନ୍ତ୍ରୀ ଅନିରୁଦ୍ଧ ସିଂହ ରାଣା ଏବଂ ତାଙ୍କର ସହଯୋଗୀ ଏନ୍.ଏଚ୍.ଏ.ଆଇ. ଅଧିକାରୀଙ୍କୁ

ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଛି । ଶ୍ରୀ ରାଣାଙ୍କ ବିରୁଦ୍ଧରେ ଏ ନେଇ ମାମଲା ରୁଜୁ କରାଯାଇଛି ।

## ତେଲେଙ୍ଗାନା-ଡେଥ୍ ଟୋଲ

ତେଲଙ୍ଗାନା ରାଜ୍ୟ ସାଙ୍ଗାରେଡ୍ଡୀ ଜିଲ୍ଲାର ପାସାମିଲାରାମ ଔଷଧ ପ୍ରସ୍ତୁତ କାରଖାନା ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩୬ରେ ପହଞ୍ଚିଛି । ଏପର୍ଯ୍ୟନ୍ତ ୧୧ଟି ମୃତଦେହ ଚିହ୍ନଟ କରାଯାଇସାରିଛି । ୧୪୩ ଜଣ ଶ୍ରମିକ ବିସ୍ଫୋରଣ ସମୟରେ କାରଖାନାରେ କାର୍ଯ୍ୟରତ ଥିଲେ । ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅନ୍ୟ ୩୫ଜଣ ଆହତଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାର ଜଣାପଡ଼ିଛି । ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟ କରୁଛନ୍ତି । ମୃତକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ବିହାରର ହୋଇଥିବାର କୁହାଯାଇଛି ।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ଘଟଣାର ତଦନ୍ତ ରିପୋର୍ଟ

ଯଥାଶୀଘ୍ର ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତଙ୍କୁ ସେ ଭେଟିଥିବାର ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପିଛା ୧ କୋଟି ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି । ଆହତମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଚିହ୍ନଟ ହୋଇନଥିବା ମୃତକଙ୍କ ଲାଗି ଡିଏନ୍‌ଏ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ଟିଏନ୍-କ୍ରାକର ଫ୍ୟାକ୍ଟ୍ରି

ତାମିଲନାଡୁର ସତୁର୍ ବିରୁଧୁ ନଗର ଜିଲ୍ଲା ସ୍ଥିତ ଏକ ବାଣ ପ୍ରସ୍ତୁତ କାରଖାନାରେ ବିସ୍ଫୋରଣ ଘଟି ୮ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ପାଞ୍ଚ ଜଣ ଆହତ ହୋଇଛନ୍ତି । ଏହି କାରଖାନାର ୨୦ଟି କୋଠରୀରେ ୫୦ରୁ ଅଧିକ ଲୋକ କାମ କରୁଥିଲେ । ବିସ୍ଫୋରଣ ଯୋଗୁଁ ୫ଟି କୋଠରୀ କ୍ଷତିଗ୍ରସ୍ତ ହୋଇଛି । ଚିକିତ୍ସା ପାଇଁ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ

ଭର୍ତ୍ତି କରାଯାଇଛି । ଅଗ୍ନିସମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି ।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଏବଂ ଅନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ମୁଖ୍ୟମନ୍ତ୍ରୀ

ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରାର ଅବଶିଷ୍ଟ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ପୁରୀ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ବାହୁଡାଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ନୀତି ନେଇ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଓ

ସୁପରିଚାଳନା ସହିତ ଦୁର୍ଘଟଣାମୁକ୍ତ ଅବଶିଷ୍ଟ ନୀତିକାନ୍ତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଅନ୍ୟ ପକ୍ଷରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ସେବାୟତଙ୍କ ସହ ଆଲୋଚନା କରିଛନ୍ତି ।

## ହେରା ପଂଚମୀ

ପୁରୀରେ ଆଜି ହେରା ପଞ୍ଚମୀ ନୀତି ଅନୁଷ୍ଠିତ ହେଉଛି। ଚତୁର୍ଦ୍ଧାମୂର୍ତ୍ତି ନବଦିନାତ୍ମକ ଯାତ୍ରାରେ ଯାଇ ବର୍ତ୍ତମାନ ଆଡପ ମଣ୍ଡପରେ ବିରାଜମାନ କରୁଛନ୍ତି। ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ଆଜି ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ଯାତ୍ରା କରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ସ୍ଥିର ହୋଇଛି।

## ଇଣ୍ଡିଆ-ପାକିସ୍ତାନ ପ୍ରିଜନର୍ସ୍

ଭାରତ ଏବଂ ପାକିସ୍ତାନରେ କଏଦୀ ଥିବା ଉଭୟ ଦେଶର ସାଧାରଣ ଜନତା ଏବଂ ମତ୍ସ୍ୟଜୀବୀଙ୍କ ତାଲିକା ପରସ୍ପରକୁ ଆଦାନ ପ୍ରଦାନ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଭାରତରେ ବନ୍ଦୀ ଜୀବନ ବିତାଉଥିବା ୩୮୨ ଜଣ ସାଧାରଣ ପାକିସ୍ତାନୀ ନାଗରୀକ  ଏବଂ ୮୧ ଜଣ ମତ୍ସ୍ୟଜୀବୀଙ୍କ ତାଲିକା ପ୍ରଦାନ କରାଯାଇଛି । ସେହିପରି ପାକିସ୍ତାନ ମଧ୍ୟ ୫୩ ଜଣ ଭାରତୀୟ ନାଗରୀକ ଏବଂ ୧୯୩ ଜଣ ମତ୍ସ୍ୟଜୀବୀଙ୍କର ତାଲିକା ଭାରତକୁ ହସ୍ତାନ୍ତର କରିଛି । ପାକିସ୍ତାନରେ ବନ୍ଦୀ ଜୀବନ ବିତାଉଥିବା ଭାରତର ସାଧାରଣ ଜନତା, ମତ୍ସ୍ୟଜୀବୀ ଏବଂ ଡଙ୍ଗାକୁ ଫେରାଇ ନେବାକୁ ଭାରତକୁ ଆହ୍ୱାନ ଦେଇଛି । ସେହିଭଳି ଇସଲାମାବାଦ ମଧ୍ୟ ଅନୁରୂପ ଅନୁରୋଧ କରିଛି । ମନ୍ତ୍ରଣାଳୟ କହିଛି, ସରକାରଙ୍କ ନିରନ୍ତର ପ୍ରୟାସ ଫଳରେ ୨୦୧୪ ପରଠାରୁ ପାକିସ୍ତାନରେ ବନ୍ଦୀ ଜୀବନ ବିତାଉଥିବା ୨ହଜାର ୬୬୧ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ୭୧ ଜଣ ସାଧାରଣ ନାଗରୀକଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି ।

# ଓଡ଼ିଶା ରେନ୍

ପ୍ରବଳ ବର୍ଷା ଏବଂ ପଡ଼ୋଶୀ ଝାଡ଼ଖଣ୍ଡରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ଦ୍ୱାରା ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଜିଲ୍ଲାର ଉତ୍ତର ଭାଗର ପ୍ରାୟ ୧୦୦ଟି ଗାଁର ଲୋକ ଜଳବନ୍ଦୀ ମଧ୍ୟରେ ଥିବା ଜଣାପଡ଼ିଛି । ଆମ ଭୁବନେଶ୍ୱର ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ଆସିବାରୁ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଏବଂ ବସ୍ତା ବ୍ଲକ୍‌ର ଅନେକ ଗ୍ରାମ ପ୍ରଭାବିତ ହୋଇଛି । ଜଳକା ନଦୀରେ ବନ୍ୟା ଆସିବା ଫଳରେ ବସ୍ତା ଅନ୍ତର୍ଗତ କେତେକ ଗାଁ ଏବଂ ବାଲେଶ୍ୱର ସଦର ବ୍ଲକ୍‌ର କିଛି ଅଂଶ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ସୁବର୍ଣ୍ଣରେଖା ଏବଂ ଜଳକା ନଦୀରେ ଜଳସ୍ତର କ୍ରମଶଃ ହ୍ରାସ ପାଉଥିଲେ ମଧ୍ୟ କେତେକ ସ୍ଥାନରେ ଏହା ବିପଦ ସଂକେତ ପାଖାପାଖି ରହିଛି । ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ବର୍ଷା ଲାଗି ରହିଛି । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ।